## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ନାବାଳକ ଗୁରୁତର

**ସିଂହପୁର,୧୦।୧୦:** ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର-ଯାଜପୁର ମୁଖ୍ୟ ରାସ୍ତାର ଦେବୀ ଭବନ ଛକ ନିକଟରେ ଶନିବାର ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସିଂହପୁର ଅଞ୍ଚଳରେ ରହି ଫେରି ବେପାର କରୁଥିବା ଧୀରନ ଶବରଙ୍କ ପୁଅ ଅଂକାର ଶବର(୧୦)। ତାଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅଙ୍କାର ଚାଲିଚାଲି ଯାଉଥିବା ବେଳେ ତାଙ୍କୁ ଜଣେ ବାଇକ ଚାଳକ ଧକ୍କା ଦେଇ ପଳାଇଥିବା କୁହାଯାଉଛି।

### ଗୁହାଳରେ ନିଆଁ: ଗାଈବାଛୁରୀ ଜୀବନ୍ତ ଦଗ୍ଧ

**ଆଳି,୧୦।୧୦(ଡି.ଏନ.ଏ.):** ଶୁକ୍ରବାର ରାତିରେ ଆଳି ଥାନା ବଅଡିହ ଗ୍ରାମର ପୁରୁଷୋତ୍ତମ ଦାସଙ୍କ ଗୁହାଳରେ ନିଆଁ ଲାଗି ଗାଈବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ପରୁଷୋତ୍ତମଙ୍କ ପରିବାର ସବୁଦିନ ପରି ରାତିରେ ଗୁହାଳରେ ଘଷି ଜାଳି ଧୁଆଁ ଦେଇଥିଲେ। ବିଳମ୍ବିତ ରାତି ପ୍ରାୟ ୩ଟାରେ ଘଷି କୁହୁଳି କୁଟା, କାଠ ଆଦି ଜାଳେଣିରେ ନିଆଁ ଲାଗିଥିଲା। ପରେ ନିଆଁ ବ୍ୟାପୀ ବନ୍ଧା ହୋଇଥିବା ଗାଈବାଛୁରୀ ଦେହରେ ଲାଗି ଯାଇଥିଲା। ହଠାତ୍ ନିଦ ଭାଙ୍ଗିବାରୁ ପରିବାର ଲୋକେ ଏହା ଦେଖି ଗ୍ରାମବାସୀଙ୍କୁ ଡାକିବା ସହିତ ଦମକଳ ଅଫିସକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମଦ ଜବତ, ୨ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୦।୧୦ :** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଚାତ୍ରା ରାସ୍ତାରୁ ଶନିବାର ୨ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚାତ୍ରା ଗ୍ରାମ ଅନ୍ତର୍ଗତ ତ୍ରିନାଥ ମଲ୍ଲିକ ଓ ଶ୍ରୀଧର ମଲ୍ଲିକ। ସେମାନଙ୍କଠାରୁ ଏକ କାର ସହ ୧୮୨,୫୬ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। କାର୍‌ରେ ମଦ ଚୋରା ଚାଲାଣ ହେଉଥିବାବେଳେ ଜଗତ୍‌ସିଂହପୁର ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ହାତରେ ଧରାପଡ଼ିଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

### ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

**ବାଲିକୁଦା, ୧୦।୧୦(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁସ୍ଥିତ କରକେଇ ମନ୍ଦିର ପ୍ରାଙ୍ଗଣରେ ଶନିବାର ବାଲିକୁଦା ନବ ନିର୍ମାଣ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଧର୍ମାନନ୍ଦ ଖଣ୍ଡୁଆଳ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଗତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗରେ ସଙ୍ଗଠନ ଦାବି ଉଠାଇବ। ଏଥିସହ ନଦୀରେ ସ୍ଲୁଇସ ଗେଟ୍ ଓ କ୍ରିକ୍ ନିର୍ମାଣ ପାଇଁ ମଧ ସଙ୍ଗଠନ ପକ୍ଷରୁ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦୁର୍ଗାଚରଣ ସ୍ୱାଇଁ, ବାବାଜୀ ଚରଣ ଜେନା, ରଘୁନାଥ ନାୟକ ଓ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

### ଶାଳଲଗ୍ ଜବତ, ୫ ଗିରଫ

**ନୟାଗଡ଼ ଅଫିସ,୧୦।୧୦:** ଦଶପଲ୍ଲା ରେଞ୍ଜର ଦୁର୍ଗାପ୍ରସାଦ ନିକଟ ବାଇଶପଲ୍ଲୀ ଏକ୍ସଟେନଶନ ପିଆରଏଫ ଜଙ୍ଗଲରୁ ଶନିବାର ବନ କର୍ମଚାରୀ ୬ଟି ଶାଳ ଲଗ୍ ଜବତ କରିଛନ୍ତି। ପ୍ରାୟ ୭ଜଣ ଲୋକ ୪୭.୨୦ ସିଏଫ୍ଟ ଶାଳ ଲଗ୍ କାଟି ବୋଲେରୋ ଓ ପିକଅପ ଭ୍ୟାନ ଯୋଗେ ନେବାକୁ ଯାଉଥିଲେ। ଏହି ସମୟରେ ବନ କର୍ମଚାରୀଙ୍କୁ ଦେଖି ଦୁଇ ଜଣ ଗାଡ଼ି ନେଇ ପଳାଇ ଯାଇଥିଲେ। ଅନ୍ୟ ୫ଜଣଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ସେମାନେ ହେଲେ କଟକ ଜିଲା ନରସିଂହପୁର ପାଇକପାଟଣାର ଦିଲୀପ କୁମାର ସାହୁ, ବଡମ୍ବାର ମନୋଜ ପାଣିଗ୍ରାହୀ ଓ ପଦ୍ମ ଚରଣ ଜେନା, ଗଣିଆ ଦୁଆରଗାଁର ପର୍ଶୁରାମ ମୁଦୁଲି ଓ ବିଜୟ ପ୍ରଧାନ। ବନ ବିଭାଗ ପକ୍ଷରୁ ୪୩/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଦଶପଲ୍ଲା ରେଞ୍ଜର ନିଖିଳେଶ ମଲ୍ଲିକ କହିଛନ୍ତି। ସେହିପରି ପଞ୍ଚରିଡା ରେଞ୍ଜ ଗୋଡିପଡ଼ା ଫରେଷ୍ଟରଙ୍କ ପକ୍ଷରୁ ଚଢାଉ କରାଯାଇ ଗୋଡମଡ଼ା-ଶଙ୍ଖେଇ ରାସ୍ତାରୁ ଓଡି୨୫ବି-୬୭୯୧ ନଂ. ପିକଅପ ଭ୍ୟାନ ସହ ୨୦ଖଣ୍ଡ ଶାଳକାଠ ଜବତ କରାଯାଇଛି।

# ମାତୃ, ଶିଶୁମଙ୍ଗଳ ହସ୍ପିଟାଲ ନିର୍ମାଣରେ ବିଳମ୍ବ

**କେନ୍ଦ୍ରାପଡ଼ା ଅଫିସ, ୧୦।୧୦**

- ପୂର୍ଣ୍ଣାଙ୍ଗ ପାଇଁ ଅବଧି ଥିଲା ୨୦୧୮ ଡିସେମ୍ବର
- କାମ ଦେଲାନାହିଁ ୫-ଟି ସଚିବଙ୍କ ତାଗିଦ
- ଜିଲା ପ୍ରଶାସନ ସମୀକ୍ଷା କରୁ ନ ଥିବା ଅଭିଯୋଗ

କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ଥିବା ୨୨୪ ଡାକ୍ତରଙ୍କ ମଧ୍ୟରୁ ୧୩୪ ପଦବୀ ଖାଲି ଅଛି। ଏଥିସହିତ ଭିତ୍ତିଭୂମି ସୁଦୃଢ଼ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ୨୦୧୮ ଡିସେମ୍ବରରୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୫ କିଲୋମିଟର ଦୂର ଶାମଗୁଡିଆଠାରେ ନିର୍ମାଣାଧୀନ ମାତୃ ଓ ଶିଶୁମଙ୍ଗଳ ହସ୍ପିଟାଲ ଶେଷ ହୋଇପାରୁ ନାହିଁ। ଏପରି କି ୨୦୧୯ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ କେନ୍ଦ୍ରାପଡ଼ା ଗସ୍ତ କରି ୪ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ସମୀକ୍ଷା ହେଉ ନ ଥିବାରୁ ବହୁ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ରଶ୍ମିରଞ୍ଜନ ମହାପାତ୍ର କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତୃ ଓ ଶିଶୁମଙ୍ଗଳ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନାହିଁ। ଏଠାରେ ବିପଦପୂର୍ଣ୍ଣ ଭାବେ ଉଭୟଙ୍କ ଚିକିତ୍ସା ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଶାମଗୁଡିଆଠାରେ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ହେଉଛି। ଏହି ପ୍ରକଳ୍ପ ୨୦୧୬ ଡିସେମ୍ବରରୁ ଆରମ୍ଭ ହୋଇଥିବା ବେଳେ ନିର୍ମାଣ ଅବଧି ମାତ୍ର ୨ ବର୍ଷ ଥିଲା । ନିର୍ମାଣ ଆରମ୍ଭକୁ ୪ ବର୍ଷ ବିତିଥିଲେ ମଧ୍ୟ ସମ୍ପୂର୍ଣ୍ଣ ନ ହେବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗର ଲକ୍ଷ୍ୟରେ ବିଚ୍ୟୁତି ହୋଇଛି। ବୁଦ୍ଧିଜୀବୀ ତଥା ମହାକାଳପଡା ୟୁଥ୍ କ୍ଲବର କର୍ମକର୍ତ୍ତା ବିଭୂତିଭୂଷଣ ରାଉତ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ଓ ନବଜାତକଙ୍କୁ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ବାଧ୍ୟ ହୋଇ ଦଲାଲଙ୍କ ପ୍ରରୋଚନାରେ ଘରୋଇ ଚିକିତ୍ସାଳୟ ଆଡକୁ ଲୋକମାନେ ମୁହାଁଉଛନ୍ତି। ହେଲେ ସେଠାରେ ଚିକିତ୍ସା ବଦଳରେ ଆର୍ଥିକ ଶୋଷଣ କରାଯାଉଛି। ଏପରି କି ଅନେକ ସମୟରେ ପ୍ରସୂତି ଓ ଶିଶୁଙ୍କ ମୃତ୍ୟୁ ହେଉଥିବା ଗଣମାଧ୍ୟମରୁ ଜାଣିବାକୁ ମିଳୁଛି। ଜିଲା ପ୍ରଶାସନ ପକ୍ଷରୁ ଶାମଗୁଡିଆ ଚିକିତ୍ସାଳୟ ନିର୍ମାଣକୁ ନେଇ କୌଣସି ସମୀକ୍ଷା ହେଉ ନ ଥିବାରୁ ପ୍ରକଳ୍ପ ଶେଷ ହେଉ ନାହିଁ। ବୁଦ୍ଧିଜୀବୀ ଅମରବର ବିଶ୍ୱାଳ କହନ୍ତି, ପ୍ରକଳ୍ପ ନିର୍ମାଣ ବିଳମ୍ବର କାରଣ ଶ୍ରମିକ ଅଶାନ୍ତି। ଏଥିସହ ଏହାର ଠିକାଦାର ଏବେ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ ନିର୍ମାଣ କାର୍ଯ୍ୟକୁ ଠିକାରେ ନେଉଛନ୍ତି। ଏକସଙ୍ଗରେ ବିଭିନ୍ନ ପ୍ରକଳ୍ପ ପାଇଁ ଶ୍ରମିକଙ୍କ ଅଭାବ ଥିବାରୁ ସବ୍‌ଲିଜରେ ଠିକା କାର୍ଯ୍ୟ ହେଉଛି। ଶ୍ରମିକଙ୍କୁ ଉପଯୁକ୍ତ ସମୟରେ ପ୍ରାପ୍ୟ ମିଳୁ ନ ଥିବାରୁ କାର୍ଯ୍ୟ ବିଳମ୍ବ ହେଉଛି। ସାମାଜିକ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି, ଜିଲାରେ ଆର୍ଥିକ ସ୍ୱାବଲମ୍ବୀ ନ ଥିବା ପ୍ରସୂତିଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ଜିଲାବାସୀ ବାରମ୍ବାର ଆନ୍ଦୋଳନ କରୁଛନ୍ତି । ଏହା ସତ୍ତ୍ୱେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା କ୍ଷୋଭର ବିଷୟ। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ଶ୍ରମିକ ଅଶାନ୍ତି ସହିତ କରୋନା ସଂକ୍ରମଣ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି କରିଥିଲା। ତେବେ ଠିକାସଂସ୍ଥାକୁ ତାଗିଦ ପରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

## ମା'ସିଦ୍ଧିଦାତ୍ରୀଙ୍କ ଗଙ୍ଗାମାତା ବେଶ



**ନାଉଗାଁ,୧୦।୧୦(ସ୍ୱ.ପ୍ର.)** ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ୟୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଶନିବାର ୩୧ତମ ଶାରଦୀୟ ପାର୍ବଣ ଅବସରରେ ମା'ସିଦ୍ଧିଦାତ୍ରୀଙ୍କୁ ଗଙ୍ଗାମାତା ବେଶରେ ସୁସଜ୍ଜିତ କରାଯାଇଛି।

# ପ୍ରକଳ୍ପ ବିରୋଧରେ ମାନବ ଶୃଙ୍ଖଳ



ବରୁଣାଡିହା ନଦୀପଠାରେ ଜନସମାବେଶ।

**କେନ୍ଦ୍ରାପଡ଼ା ଅଫିସ, ୧୦।୧୦**

**ଖରସ୍ରୋତାରେ ପାନୀୟ ଜଳ ପ୍ରକଳ୍ପ ମାମଲା**

କେନ୍ଦ୍ରାପଡ଼ା ଜିଲା ବରୁଣାଡିହାଠାରେ ଖରସ୍ରୋତା ନଦୀରେ ପାନୀୟ ଜଳ ପ୍ରକଳ୍ପକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଳି ଓ ରାଜକନିକା ବ୍ଲକର ସହସ୍ରାଧିକ ଲୋକ ଶନିବାର ପ୍ରକଳ୍ପକୁ ବିରୋଧ କରି ମାନବ ଶୃଙ୍ଖଳ ପ୍ରଦର୍ଶନ କରିଛନ୍ତି । ଏହି ପ୍ରକଳ୍ପରୁ ଭଦ୍ରକ ଜିଲାର ୪ ବ୍ଲକକୁ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ୨୦୧୯ରେ କାର୍ଯ୍ୟାଦେଶ ଦେଇଛନ୍ତି। ତେବେ ପାନୀୟ ଜଳ ପ୍ରକଳ୍ପ ହେଲେ ସ୍ଥାନୀୟ କୃଷି ଓ ଭିତରକନିକା ଜାତୀୟ ଉଦ୍ୟାନ ନଷ୍ଟ ହେବ କହି ଅଞ୍ଚଳବାସୀ ବିରୋଧ କରିଛନ୍ତି। ପୂର୍ବାହ୍ନରେ ପ୍ରକଳ୍ପର ଠିକା ସଂସ୍ଥା ପକ୍ଷରୁ କାର୍ଯ୍ୟ ଆରମ୍ଭ ପାଇଁ ଚେଷ୍ଟା କରାଯାଇଥିଲା । ଲୋକେ ସେଠାରେ ପହଞ୍ଚି ପୋକଲିନକୁ ନେଇଯିବା ପାଇଁ ଦାବି ସହିତ ବୋଲେରୋକୁ ଠେଲି ଠେଲି ବିଦା କରିଦେଇଥିଲେ। ନଦୀପଠାରେ ଆନ୍ଦୋଳନକାରୀ ମାନବ ଶୃଙ୍ଖଳ ପ୍ରଦର୍ଶନ ସହିତ ଏକ ଜନସଭା କରିଥିଲେ। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଆୟୋଜିତ ସଭାରେ କର୍ମକର୍ତ୍ତା କହିଥିଲେ, ପାନୀୟ ଜଳ ପ୍ରକଳ୍ପ ହେଲେ ପ୍ରତ୍ୟହ ଅନ୍ୟୂନ ୩୫ ଲକ୍ଷ ଲିଟର ଜଳ ନଦୀରୁ ଉତ୍ତୋଳନ ହେବ। ଏହି ସ୍ଥାନଠାରୁ ମାତ୍ର ଦେଢ଼ କିଲୋମିଟର ପରେ ଖରାଦିନେ ବାଲି ଦେଖାଯାଉଥିବା ବେଳେ ପ୍ରକଳ୍ପ ସମସ୍ତ ଜଳକୁ ଶୋଷି ଦେବ। ଫଳରେ ସ୍ଥାନୀୟ କୃଷି ପ୍ରଭାବିତ ହେବ। ପ୍ରକଳ୍ପ ନିର୍ମାଣ ପୂର୍ବରୁ ଜନମତ କାହିଁକି ସଂଗ୍ରହ ହୋଇନି ବୋଲି ସେମାନେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ବନ୍ଦ ପାଇଁ ସଂଗ୍ରାମ ସମିତି ପକ୍ଷରୁ ଉଚ୍ଚ ନ୍ୟାୟାଳୟ ଓ ଏନ୍‌ଜିଟିରେ ମାମଲା ରୁଜୁ ହୋଇଛି ।

## ବର୍ଷେ ହେଲା ବସିନି ରୋଗୀ କଲ୍ୟାଣ ସମିତି ବୈଠକ

**ଖଣ୍ଡପଡ଼ା,୧୦।୧୦(ସ୍ୱ.ପ୍ର.)**

ରୋଗୀ କଲ୍ୟାଣ ସମିତି ବୈଠକ ବସୁ ନ ଥିବାରୁ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଉପରେ ଆଲୋଚନା କରାଯାଇ ପାରୁନାହିଁ। ମିଳିଥିବା ସୂଚନା ମୁତାବକ ୨୦୧୯ ସେପ୍ଟେମ୍ବରରେ ଶେଷଥର ପାଇଁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଆଉ ବୈଠକ ବସି ନ ଥିବାବେଳେ ଚଳିତ ବର୍ଷ କୋଭିଡ-୧୯ ପରିସ୍ଥିତିକୁ ନେଇ ସବୁ କିଛି ଠପ୍ ହୋଇଯାଇଛି। ବୈଠକ ବସି ନ ଥିବାରୁ ଏବାବଦ ଅନୁଦାନ ଅର୍ଥ ବିନିଯୋଗ ହୋଇ ନ ପାରି ଆକାଉଣ୍ଟରେ ପଡି ରହିଛି । ନିକଟସ୍ଥ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ବୈଠକ ବସି ନ ଥିବା ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ। ଏଥିପ୍ରତି ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୨ମନ୍ଦିରରୁ ଚୋରି

**ବାଲିକୁଦା/ବିରିଡ଼ି,୧୦।୧୦(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲାର ବାଲିକୁଦା ଓ ବିରିଡି ବ୍ଲକସ୍ଥିତ ୨ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ବାଲିକୁଦା ଥାନା ଅନ୍ତର୍ଗତ ଅଢ଼ଙ୍ଗା ପଞ୍ଚାୟତର ଖାଲେରିସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ହୁଣ୍ଡିକୁ କୌଣସି ଦୁର୍ବୃତ୍ତ ଉଠାଇ ନେଇଛନ୍ତି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏଥିରେ ସୁନା ଓ ଚାନ୍ଦି ଗହଣା ସମେତ ଟଙ୍କା ଥିଲା ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସେହିପରି ବିରିଡି ବ୍ଲକ ବୁଢ଼ାପଡ଼ା ପଞ୍ଚାୟତ ଅନ୍ତର୍ଗତ ପଣ୍ଡିଆ ଛକସ୍ଥିତ ହନୁମାନ ମନ୍ଦିର ହୁଣ୍ଡିକୁ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏନେଇ ବିରିଡି ଥାନାରେ ଅଭିଯୋଗ ହୋଇଛି। ମନ୍ଦିର କବାଟ ତାଲାକୁ କଟର ମେଶିନ ସାହାଯ୍ୟରେ କାଟି ଭିତରେ ଥିବା ହୁଣ୍ଡି ବାକ୍ସକୁ ଚୋରି କରାଯାଇଛି ବୋଲି ହନୁମାନ ମନ୍ଦିର ପକ୍ଷରୁ ସଭାପତି ଗନ୍ଧର୍ବ ବିଶ୍ୱାଳ, ଗିରିଧାରୀ ମହାରଣା, ନିହାର ରଞ୍ଜନ ସ୍ୱାଇଁ ପାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶୋଚନୀୟ

**ନାଉଗାଁ,୧୦।୧୦(ସ୍ୱ.ପ୍ର.)**

**ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି**

ନାଉଗାଁ ବ୍ଲକର ନାଉଗାଁ-ଡାବରକୁ ସଂଯୋଗ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଛି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ। ୧୦ କିମି ବିଶିଷ୍ଟ ଉକ୍ତ ରାସ୍ତାରେ ନାଉଗାଁ ବ୍ଲକର ନାଉଗାଁ, ତିରୁଣା, ଡାବର, କୋରୁଆ ପଞ୍ଚାୟତ ଓ ବାଲିକୁଦା ବ୍ଲକର ମାଛଗାଁ, ବାଲିକୁଦା ଲୋକେ ଯାତାୟାତ କରିଥାନ୍ତି। କିଛି ଦିନ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗଦ୍ୱାରା ଏହି ରାସ୍ତାର ଗୋଠଦାଠାରୁ ତିରୁଣା ପର୍ଯ୍ୟନ୍ତ ମରାମତି କରାଯାଇଥିଲା। କିନ୍ତୁ ନାଉଗାଁ ବଜାରଠାରୁ ଗୋଠଦା ପର୍ଯ୍ୟନ୍ତ ୩ କିମି ରାସ୍ତାର ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇପଡିଛି। ଏହି ୩ କିମି ରାସ୍ତାରେ କିଛି ଅଂଶପିଚୁ ଥିବା ବେଳେ ଅନ୍ୟ କିଛି ଅଂଶ କଂକ୍ରିଟ ରହିଛି। ୧୦ ବର୍ଷ ହେବ ଏହି ୩ କିମି ରାସ୍ତା ମରାମତି ନ ହେବାରୁ କଂକ୍ରିଟରୁ ଗୋଡ଼ି ସିମେଣ୍ଟ ବାହାରି ରାସ୍ତା ସାରା ଖାଲଖମାରେ ପୂର୍ଣ୍ଣହୋଇଛି। ଫଳରେ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇନାହିଁ। ଯଦ୍ୱାରା ବର୍ଷା ହେଲେ ରାସ୍ତାରେ ଥିବା ରାସ୍ତାରେ ପାଣି ଭର୍ତ୍ତି ହାଇରହୁଛି। ରାସ୍ତାର ଏକ ପାର୍ଶ୍ୱରେ ବାସଗୃହ ରହିଥିବା ବେଳେ ଅନ୍ୟପାର୍ଶ୍ୱରେ ଦଳପୂର୍ଣ୍ଣ ପୋଖରୀ ରହିଛି। ତେଣୁ ବର୍ଷା ସମୟରେ ରାସ୍ତା ବୁଡ଼ିଯାଉଛି। ଏହି ବାଟ ଦେଇ ଯାତ୍ରୀବାହୀ ବସ, ଅନ୍ୟ ଯାନବାହନ ଯିବା ସମୟରେ ଦୁର୍ଘଟଣା ଘଟୁଛି। କିଛି ଗାଡି ମଧ ପୋଖରୀରେ ପଡିବାର ନଜିର ରହିଛି। ଦୀର୍ଘ ଦିନ ରାସ୍ତାରେ ପାଣି ଜମି ରହିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ଉକ୍ତ ରାସ୍ତାକୁ ଶୀଘ୍ର ମରାମତି ପାଇଁ ଜନସାଧାରଣ ପ୍ରଶସାନ ନିକଟରେ ଦାବି କରିଛନ୍ତି। ଏସମ୍ପର୍କରେ ମତାମତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ମିଟିଂରେ ଥିବାରୁ କୌଣସି ଉତ୍ତର ଦେଇ ନ ଥିଲେ।



ରାସ୍ତାରେ ବର୍ଷାପାଣି ଜମି ରହିଛି।

# ମାଟିରେ ମିଶିବ ପଞ୍ଚାୟତ ଶିଳ୍ପାନୁଷ୍ଠାନ

**ଖଣ୍ଡପଡ଼ା,୧୦।୧୦(ସ୍ୱ.ପ୍ର.)**

ଦୀର୍ଘ ୬୦ ବର୍ଷ ତଳେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଅବିଭକ୍ତ ପୁରୀ ଜିଲା ଅଧୀନରେ ଥିବା ପ୍ରତ୍ୟେକ ବ୍ଲକକୁ ପଞ୍ଚାୟତ ସମିତି ଆଖ୍ୟା ଦିଆଯାଇ ଖଣ୍ଡପଡ଼ା ବ୍ଲକରେ ଏକ ଟିନିକଲ ଓ କଣ୍ଟିଲୋଠାରେ ନୀଳମାଧବ ଆଲୁମିନିୟମ ବାସନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା। ଏହି ଶିଳ୍ପାନୁଷ୍ଠାନରେ ବିଭିନ୍ନ ପ୍ରକାର ଆଲୁମିନିୟମ ବାସନ ପ୍ରସ୍ତୁତ ହୋଇ ବ୍ୟବସାୟ ପ୍ରତିଷ୍ଠାନକୁ ବିକ୍ରି କରାଯାଉଥିଲା। ସେଥିପାଇଁ ଶିଳ୍ପ ବିଭାଗ ପକ୍ଷରୁ ଏଠାରେ ଜଣେ ପଞ୍ଚାୟତ ଶିଳ୍ପ ଅଧିକାରୀ (ପିଆଇଓ)ଙ୍କୁ ନିଯୁକ୍ତି କରାଯାଇଥିଲା। ଏହି ପ୍ରତିଷ୍ଠାନ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବଜାର ଚାହିଦା ରହିଥିବାରୁ ଅନୁଷ୍ଠାନଟି ଲାଭଜନକ ସ୍ଥିତିରେ ରହିଥିଲା। ମାତ୍ର ପରେ ଏହା ପରିଚାଳନାଗତ ତ୍ରୁଟି ଯୋଗୁ କ୍ଷତିର ସମ୍ମୁଖୀନ ହୋଇ ବନ୍ଦ ହୋଇଯାଇଥିଲା। ଏଠାରେ ଥିବା ଯନ୍ତ୍ରପାତି ଅଚଳ ହୋଇପଡିବା ସହ ସାମଗ୍ରୀ ନଷ୍ଟ ହେବାକୁ ବସିଥିଲା। ଏପରି ସମୟରେ ଯନ୍ତ୍ରପାତି ଓ ସାମଗ୍ରୀ ବିକ୍ରି କରି ସରକାରୀ ତହବିଲରେ ଡ଼ିପୋଜିଟ କରିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଅନୁମତି କ୍ରମେ ଏହି ଅନୁଷ୍ଠାନରେ ରହିଥିବା ଯନ୍ତ୍ରପାତି ଓ ସାମଗ୍ରୀ ବିକ୍ରି କରାଯାଇ ସରକାରୀ ତହବିଲରେ ଜମା ହୋଇଥିଲା ବୋଲି ଜଣେ ଶିଳ୍ପ ବିକାଶ ଅଧିକାରୀଙ୍କଠାରୁ ସୂଚନା ମିଳିଛି। କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ରହିଥିବା ଏହି ଶିଳ୍ପାନୁଷ୍ଠାନ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଖଣ୍ଡପଡାରେ ଥିବା ଟିନିକଲର ମଧ ଚିହ୍ନବର୍ଣ୍ଣ ନାହିଁ । ସରକାର ଏହାର ପୁନରୁଦ୍ଧାର କଲେ ଶିକ୍ଷିତ ବେକାର ଯୁବତୀଯୁବକ କର୍ମନିଯୁକ୍ତି ପାଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ଭାଜପା ଛାଡ଼ିଲେ ନରେଶ, କାର୍ତ୍ତିକ

**ବାଲିଆ,୧୦।୧୦:**

ବିରିଡି ବ୍ଲକ ପୁରଣ ମଣ୍ଡଳ ଭାଜପା ଓବିସି ମୋର୍ଚ୍ଚା ସଭାପତି ନରେଶ ଓଝା ଏବଂ ହାଜିପୁର ପଞ୍ଚାୟତର ଭାଜପା ପ୍ରମୁଖ କାର୍ତ୍ତିକ ପରିଡା ଶନିବାର ତାଙ୍କ ପଦରୁ ଇସ୍ତଫା ଦେବା ସହ ଭାଜପା ଛାଡ଼ିଛନ୍ତି। ଉଭୟ ପୂର୍ବତନ ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇଙ୍କ ଦୃଢ଼ ସମର୍ଥକ ଥିଲେ। ଦଳରେ ପ୍ରକୃତ କର୍ମକର୍ତ୍ତାଙ୍କୁ ଅଣଦେଖା କରାଯାଉଛି। ଏଥିସହ ଦାୟିତ୍ୱରେ ଥିବା ନେତୃ ମଣ୍ଡଳୀ ସଂଗଠନ ନାମରେ ଗୋଷ୍ଠୀ ସୃଷ୍ଟି କରୁଛନ୍ତି ବୋଲି ପରିଡା ଏବଂ ଓଝା ଅଭିଯୋଗ କରିଛନ୍ତି।

# ବଢ଼ିଲା ବୁଥ୍, ଭୋଟର ସଂଖ୍ୟା

**ଜଗତ୍‌ସିଂହପୁର ଅଫିସ,୧୦।୧୦**

**ତିର୍ତ୍ତୋଲ ଉପନିର୍ବାଚନ**

ତିର୍ତ୍ତୋଲ ଉପନିର୍ବାଚନ ପାଇଁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। କୋଭିଡ୍ ୧୯କୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ବଜାୟ ରଖିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବୁଥ୍ ସଂଖ୍ୟା ବୃଦ୍ଧି କରାଯାଇଛି। ସେହିପରି ଏହି ନିର୍ବାଚନରେ ମତଦାନ କରିବାକୁ ଥିବା ଭୋଟରଙ୍କ ସଂଖ୍ୟାରେ ମଧ ବଢ଼ିଛି। ୨୦୧୯ ସାଧାରଣ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀର ତିର୍ତ୍ତୋଲ, ବିରିଡ଼ି ଓ ରଘୁନାଥପୁର ସମେତ କୁଜଙ୍ଗ ବ୍ଲକର କିଛି ଅଞ୍ଚଳ ପାଇଁ ୨୬୫ ବୁଥ୍ କରାଯାଇଥିବା ବେଳେ ଏହି ଉପନିର୍ବାଚନ ପାଇଁ ୧୦୮ ଅଧିକ ବୁଥ କରାଯାଇଛି। ଫଳରେ ମୋଟ୍ ବୁଥ ସଂଖ୍ୟା ୩୭୩ ରେ ପହଞ୍ଚିଛି। ଗତ ସାଧାରଣ ନିର୍ବାଚନରେ ୨,୩୪,୧୪୫ ଜଣଙ୍କୁ ମତଦାନ ପାଇଁ ସୁଯୋଗ ମିଳିଥିବା ବେଳେ ଆସନ୍ତା ଉପନିର୍ବାଚନରେ ଅଧିକ ୫ ହଜାର ୮ ଜଣ ଭୋଟରଙ୍କୁ ସାମିଲ କରାଯାଇଛି। ଫଳରେ ମୋଟ ଭୋଟରଙ୍କ ସଂଖ୍ୟା ୨,୩୯ ୧୫୩ରେ ହୋଇଛି। ସେମାନଙ୍କ ମଧରେ ୧,୨୪,୧୬୮ ଜଣ ପୁରୁଷ, ୧,୧୪,୯୫୬ ଜଣ ମହିଳା ଓ ୨୯ ଜଣ ସମଲିଙ୍ଗୀ ରହିଛନ୍ତି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ନିର୍ବାଚନ ପାଇଁ ହେଉଥିବା କାର୍ଯ୍ୟକ୍ରମରେ କୋଭିଡ୍ ୧୯ର ନିୟମକୁ କଡ଼ାକଡି ଭାବେ ପାଳନ କରିବା ପାଇଁ ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ନାନା ସମସ୍ୟାରେ ବନ୍ୟାବିପନ୍ନ

**ବରୀ,୧୦।୧୦(ଡି.ଏନ.ଏ.)**



ସହାୟତାରୁ ବଞ୍ଚିତ ହୋଇଥିବା ଜଣେ ବିପନ୍ନ ମହିଳା।

**ମିଳୁନି ସରକାରୀ ସହାୟତା**

ଅଗଷ୍ଟ ବନ୍ୟାରେ ଯାଜପୁର ଜିଲାର ବରୀ ବ୍ଲକ୍ ଅଞ୍ଚଳ ଅଧିକ ପ୍ରଭାବିତ ହୋଇଥିଲା। ବନ୍ୟା ବିପନ୍ନଙ୍କ ଅସୁବିଧାକୁ ଆଖି ଆଗରେ ରଖି ସରକାରଙ୍କ ତରଫରୁ ସହାୟତା ଯୋଗାଇଦେବାକୁ ଘୋଷଣା କରାଯାଇଥିଲା। ମାତ୍ର ବନ୍ୟା ଛାଡ଼ିବାର ଦେଢ଼ ମାସ ପରେ ମଧ ବିପନ୍ନଙ୍କୁ ମିଳୁନି ସହାୟତା। ଫଳରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ଅଧୀନ ରମ୍ଭା ପଞ୍ଚାୟତର ୨ ନଂ ୱାର୍ଡ ଓ ବରୀ ପଞ୍ଚାୟତ ୧୧ ନଂ ୱାର୍ଡର ଦଳିତ ବସ୍ତିରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ୨ ୱାର୍ଡରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ମାତ୍ର ସେମାନଙ୍କୁ ଏ ପର୍ଯ୍ୟନ୍ତ ପଲିଥିନ ଖଣ୍ଡେ ମିଳି ପାରିନାହିଁ। ବନ୍ୟାପରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିପନ୍ନମାନେ ଖୋଲା ଆକାଶତଳେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ହେଲେ ତାଙ୍କ ଗୁହାରି ଶୁଣିବାକୁ କେହି ଆସୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣାକୁ ଗୁରୁତ୍ୱ ଦେଇ ଏହି ଦୁଇ ବସ୍ତିର ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ବସ୍ତିବାସିନ୍ଦା ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ଏ ସମ୍ପର୍କରେ ବରୀ ଅତିରିକ୍ତ ତହସିଲଦାର ଭାନୁମତୀ ମାଝି କହିଛନ୍ତି, ସୋମବାର ଏକ ତଦନ୍ତକାରୀ ଦଳଙ୍କ ସହାୟତାରେ ଯୋଗ୍ୟ ବିପନ୍ନଙ୍କୁ ଚିହ୍ନଟ କରାଯିବ। ଏହାପରେ ସମସ୍ତ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ, ବ୍ଲକ ଅଞ୍ଚଳର ଅନେକ ବନ୍ୟା କ୍ଷତିଗ୍ରସ୍ତ ସହାୟତା ପାଇ ନ ଥିବା ନେଇ ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ସହ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିବା ଦେଖିବାକୁ ମିଳୁଛି। ବନ୍ୟା ପରେ ସରକାରଙ୍କ ତରଫରୁ କ୍ଷତିଗ୍ରସ୍ତ ପରିବାରଙ୍କ ତାଲିକା ପ୍ରସ୍ତୁତ କରିବା ନିମନ୍ତେ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅସାଧୁ ମନୋଭାବ ଯୋଗୁ କ୍ଷତିଗ୍ରସ୍ତ ହୋଇ ନ ଥିବା ଅନେକ ପରିବାର ସରକାରୀ ସହାୟତା ପାଇଛନ୍ତି।

